**୧୦ ନଭେମ୍ବର ୨୦୨୩ ଖୁତ୍‌ବା ଜୁମାର ସାରାଂଶ**
**ସ୍ଥାନ – ମସଜିଦ୍ ମୁବାରକ୍, ଇସ୍‌ଲାମାବାଦ୍ ଟିଲ୍‌ଫୋର୍ଡ଼**

**ବଦର୍ ଯୁଦ୍ଧର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ପବିତ୍ର ଜୀବନୀ ଓ ଐତିହାସିକ ଘଟଣାବଳୀର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା । ମଧ୍ୟଏସିଆରେ ଚାଲି ରହିଥିବା ଘମାଘୋଟ ଯୁଦ୍ଧ ପରିପ୍ରେକ୍ଷୀରେ ବିଶେଷ ଦୁଆର ଆହ୍ୱାନ ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍ହଦ୍‌ହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିରରଜିମ୍ । ବିସ୍‌ମିଲ୍ଲା ହିରରହେମା ନିରରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅରରହମା ନିରରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଦୁବି ଆଲୈହିମ୍ ୱଲଦ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହଜୁର ଅନୱ୍ୱର ଅ.ବ କହିଲେ; ବଦର ଯୁଦ୍ଧ ଉପରାନ୍ତେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂକ୍ରାନ୍ତରେ ଚର୍ଚ୍ଚା ଚାଲିଥିଲା । ଏହି ପ୍ରସଙ୍ଗରେ ୨ହିଜ୍‌ରୀରେ ପବିତ୍ର ସମାଧିକ୍ଷେତ୍ର ଜନ୍ନତୁଲ୍ ବକି ସ୍ଥାପିତ ହେବାର ଚର୍ଚ୍ଚା ମିଳୁଅଛି । ଏହାର ବ୍ୟାଖ୍ୟା ଏହିକି ଯେ, ମଦିନା ମୁନୱ୍ୱରାରେ ୟହୁଦୀ ଓ ଅନ୍ୟ ଗୋଷ୍ଠୀ ସମୂହର ଭିନ୍ନ ଭିନ୍ନ ଶ୍ମଶାନ (ମଶାଣି) ରହିଥିଲା । ଯେତେବେଳେ ହଜୁର ସ.ଅ ମଦିନାରେ ପହଞ୍ଚିଲେ ସେତେବେଳେ ମୁସଲମାନମାନଙ୍କ ନିମନ୍ତେ ପୃଥକ କବରସ୍ଥାନର ଆବଶ୍ୟକତା ଅନୁଭବ କଲେ । ଅତଏବ ବକିଉଲ୍ ଗରକଦ୍‌ର କବରସ୍ଥାନକୁ ଆପଣ ମୁସଲମାନମାନଙ୍କ ନିମନ୍ତେ ଚୟନ କରି ନେଇଥିଲେ। । ବକିଉଲ୍ ଗରକଦ୍ ଏପରି ସ୍ଥାନକୁ କୁହାଯାଉ ଥିଲା ଯେଉଁ ସ୍ଥଳେ ବହୁଳ ମାତ୍ରାରେ ବୃକ୍ଷଲତା ରହିଥିଲା । ଯାହାର ଅନ୍ୟ ନାମ ଜନ୍ନତୁଲ୍ ବକି ଥିଲା ।

ହଜରତ ମିର୍ଜା ବଶିର ଅହେମଦ ସାହେବ ର.ଅ ବର୍ଣ୍ଣନା କରିଛନ୍ତି ଯେ, ୨ହିଜ୍‌ରୀରେ ହଜୁର ସ.ଅ ମୁସଲମାନମାନଙ୍କ ସମାଧି ନିମନ୍ତେ ଏକ ଶ୍ମଶାନ ଚୟନ କଲେ ଯାହାକୁ ଜନ୍ନତୁଲ୍ ବକି କୁହାଯାଏ । ସର୍ବପ୍ରଥମେ ଯେଉଁ ବ୍ୟକ୍ତି ସେଠାରେ ସମାଧି ପାଇଥିଲେ ସେ ହେଲେ ହଜରତ ଉସମାନ ବିନ୍ ମଯଉନ୍ । ସେ ଜଣେ ଅତ୍ୟନ୍ତ ଭକ୍ତବତ୍ସଳ, ଭଦ୍ର ଓ ସନ୍ଥ ସ୍ୱଭାବୀ ବ୍ୟକ୍ତି ଥିଲେ । ମୁସଲମାନ ହେବା ପରେ ଏକଦା ସେ ସଂସାର ବୈରାଗୀ ହୋଇ ଅର୍ଥାତ ସ୍ତ୍ରୀପିଲାଙ୍କୁ ଛାଡ଼ି ନିଜ ଜୀବନୀ କେବଳ ଈଶ୍ୱର ଭକ୍ତି କରିବାରେ ଉତ୍ସର୍ଗ କରିଦେବା ପାଇଁ ହଜୁର ସ.ଅଙ୍କ ଠାରୁ ଅନୁମତି ଲୋଡ଼ିଲେ । ଏଥିରେ ହଜୁର ସ.ଅ କହିଲେ; ତୁମକୁ ଆବଶ୍ୟକ କି ପ୍ରଭୁଙ୍କ ଅଧିକାର ପ୍ରଭୁଙ୍କୁ ଦିଅ ଏବଂ ସ୍ତ୍ରୀପିଲାଙ୍କ ଅଧିକାର ସେମାନଙ୍କୁ ପ୍ରଦାନ କର । ଅତିଥିମାନଙ୍କୁ ସେମାନଙ୍କ ଅଧିକାର ଫେରସ୍ତ କର ଏବଂ ସ୍ୱ (ଶରୀର)ର ଅଧିକାର ନିଜକୁ ଦିଅ । କାରଣ ଏସମସ୍ତ ଅଧିକାର ପ୍ରଭୁଙ୍କ ଦ୍ୱାରା ସ୍ଥିରୀକୃତ ଏବଂ ସେଗୁଡ଼ିକର ସମ୍ପାଦନ କରିବା ପ୍ରଭୁଙ୍କ ଉପାସନା ଓ ଆରାଧାନା କରିବା ମଧ୍ୟରେ ଅନ୍ତର୍ଭୁକ୍ତ । ବସ୍ତୁତଃ ନବୀଶିରୋମଣୀ ହଜରତ ମୁହମ୍ମଦ ସ.ଅ ହଜରତ ଉସମାନ ବିନ୍ ମଯଉନ୍ ର.ଅଙ୍କୁ ସଂସାର ବୈରାଗୀ ହେବାର ଅନୁମତି ପ୍ରଦାନ କଲେ ନାହିଁ । **ଇସଲାମ ବୈରାଗୀ ଓ ସନ୍ୟାସୀ ହେବାକୁ ଅବୈଧ ଦର୍ଶାଇଛି ତଥା ନିଜ ଅନୁଚରମାନଙ୍କ ପାଇଁ ଅତିଶୟତା ଓ ଅତିନ୍ୱିନତାର ମଧ୍ୟବର୍ତ୍ତୀ ମାର୍ଗ ଆପଣାଇବାକୁ ନିର୍ଦ୍ଦେଶ ଦେଇଛି ।** ହଜରତ ଉସମାନ ବିନ୍ ମଯଉନ୍ ର.ଅଙ୍କ ନିଧନରେ ହଜୁର ସ.ଅଙ୍କୁ ବହୁତ ବଡ଼ ଧକ୍କା ଲାଗିଲା ଏବଂ ବର୍ଣ୍ଣିତ ରହିଛି ଯେ, ହଜୁର ସ.ଅ ତାଙ୍କ କପାଳକୁ ଚୁମ୍ବନ ଦେଲେ ସେତେବେଳେ ଆପଣଙ୍କ ଚକ୍ଷୁ ଲୋତକପୂର୍ଣ୍ଣ ରହିଥିଲା ।

ପ୍ରିୟ ହଜୁର ଅନୱର[ଅ.ବ] କହିଲେ; ବର୍ତ୍ତମାନ ମୁଁ ଗତଫାନ୍ ଯୁଦ୍ଧର ଚର୍ଚ୍ଚା କରିବି । ହଜରତ ମୁହମ୍ମଦ [ସ.ଅ]ଙ୍କୁ ସୂଚନା ମିଳିଲା ଯେ, ଗତଫାନ୍‌ର ଶାଖା ବନୀ ସାଲ୍‌ବାଃ ଓ ବନୁ ମୁହାରିବ୍ ମୁସଲମାନମାନଙ୍କ ବିରୁଦ୍ଧରେ ଗୋଟିଏ ସ୍ଥାନରେ ଏକତ୍ରିତ ହେଉଛନ୍ତି । ଅତଏବ ଏହାର ପ୍ରତିରୋଧ କରିବା ନିମନ୍ତେ ହଜୁର[ସ.ଅ] ୪୫୦ଜଣ ସାହାବାଙ୍କ ସାଥିରେ ମଦିନାରୁ ପ୍ରସ୍ଥାନ କଲେ । ୩ ହିଜ୍‌ରୀର ରବିଉଲ୍ ଅୱ୍ୱଲ୍ ମାସରେ ଏହି ଯୁଦ୍ଧ ଘଟିଥିଲା । ଅମାନ୍ୟକାରୀ ଗୋଷ୍ଠୀ ମୁସଲମାନମାନଙ୍କ ବିପକ୍ଷରେ ଏକତ୍ରିତ ହେବାକୁ ସମୂଳେ ଧ୍ୱଂସ କରିବା ପାଇଁ ହଜୁର[ସ.ଅ] ବାହାରି ଥିଲେ । ମାର୍ଗରେ ହିଁ ମୁସଲମାନମାନଙ୍କୁ ବନୁ ଗତଫାନ୍‌ର ଜଣେ ବ୍ୟକ୍ତି ମିଳିଗଲା ଯାହାକୁ ସାହାବା କଏଦ କରିନେଲେ ଏବଂ ତାକୁ ହଜୁର [ସ.ଅ]ଙ୍କ ସେବାରେ ଉପସ୍ଥାପିତ କଲେ । ସେ ନିଜ କବିଲାର ଗତିବିଧି ଓ ଯୋଜନା ସମ୍ପର୍କରେ ହଜୁର [ସ.ଅ]ଙ୍କ ଅବଗତ କରାଇଲା । ହଜୁର[ସ.ଅ] ତାକୁ ଇସଲାମ୍ ପ୍ରତି ଆମନ୍ତ୍ରିତ କଲେ, ଏଥିରେ ସେ ସଙ୍ଗେସଙ୍ଗେ ଇସଲାମ୍ ଧର୍ମରେ ଦୀକ୍ଷିତ ହୋଇଗଲା । ସେ କହିଲା, ହଜୁର ଯେତେବେଳେ ମୋ ଗୋଷ୍ଠୀକୁ ଆପଣଙ୍କ ଆଗମନର ସୂଚନା ମିଳିବ ଯେ, ଆପଣ ମୁସଲମାନ ସେନା ସହିତ ତାଙ୍କ ଉପରେ ଆକ୍ରମଣ କରିବାକୁ ଆସୁଛନ୍ତି ସେମାନେ କଦାପି ଆପଣଙ୍କର ମୁକାବିଲା କରିବେ ନାହିଁ । ବରଂ ଆଖପାଖର ପର୍ବତରେ ଶରଣ ନେଇ ଲୁଚିଯିବେ । ଅତଏବ ଯେତେବେଳେ ମୁସଲମାନ ସେନା ଆଗକୁ ଅଗ୍ରସର ହେଲା ସେତେବେଳେ ବାସ୍ତବରେ ଠିକ୍ ସେହିପରି ହିଁ ଘଟିଲା । ଅମାନ୍ୟକାରୀ ଦଳ ମୁକାବିଲା କରିବାର ସାହସ ଜୁଟାଇ ନପାରି ଆଖପାଖରେ ଥିବା ପର୍ବତର ଶରଣ ନେଲେ । ଏତିକି ବେଳେ ସେହି ସୁପ୍ରସିଦ୍ଧ ଘଟଣା ଘଟିଲା କି ଯେତେବେଳେ ହଜୁର[ସ.ଅ] ଏକ ଗଛ ଛାଇ ତଳେ ବିଶ୍ରାମ କରୁଥିଲେ ଏବଂ ସାହାବାମାନେ ନିଜ ନିଜ କାର୍ଯ୍ୟରେ ବ୍ୟସ୍ତ ରହିଥିଲେ, ଜଣେ ଦୁର୍ବୃତ୍ତ ହଜୁର [ସ.ଅ]ଙ୍କ ଉପରେ ଖଣ୍ଡା ରଖି ପ୍ରଶ୍ନ କଲା ହେ ମୁହମ୍ମଦ ! ବର୍ତ୍ତମାନ ମୋ କବଳରୁ ତୁମକୁ କିଏ ରକ୍ଷା କରିବ ? **ହଜୁର[ସ.ଅ] ତାହାକୁ ଅତି ଆଶ୍ୱସ୍ତ କଣ୍ଠରେ ଉତ୍ତର ଦେଲେ ଅଲ୍ଲାଃ ।** ଏଥିରେ ତାହା ହସ୍ତରୁ ଖଣ୍ଡା ଖସି ପଡ଼ିଲା ।

ଏହି ଯୁଦ୍ଧର ଘଟଣାଚକ୍ରରେ ଗୋଟିଏ ଘଟଣା ହଜରତ ରୁକୟା [ର.ଅ]ଙ୍କ ଦେହାନ୍ତ ଓ ହଜରତ ଉମ୍ମେ କୁଲ୍‌ସୁମ୍ [ର.ଅ]ଙ୍କ ବିବାହ ମଧ୍ୟ ସମ୍ପନ୍ନ ହୋଇଥିଲା । ବର୍ଣ୍ଣନାନୁଯାୟୀ ଯେତେବେଳେ ହଜୁର[ସ.ଅ] ବଦର୍ ଅଭିମୁଖେ ପ୍ରସ୍ଥାନ କଲେ ସେତେବେଳେ ହଜରତ ରୁକୟା ରୋଗାକ୍ରାନ୍ତ ଥିଲେ । ଅତଏବ ଆପଣ[ସ.ଅ] ହଜରତ ଉସମାନ୍ [ର.ଅ]ଙ୍କୁ ତାଙ୍କ ଦେଖାଶୁଣା କରିବା ନିମନ୍ତେ ମଦିନାରେ ଛାଡ଼ି ରଣକ୍ଷେତ୍ରକୁ ବାହାରି ଯାଇଥିଲେ । ହଜରତ ରୁକୟା [ର.ଅ]ଙ୍କର ସେହିଦିନ ମୃତ୍ୟୁ ବରଣ କରିଥିଲେ ଯେଉଁ ଦିନ ହଜରତ ଜୈଦ୍ ବିନ୍ ହାରିସ୍[ର.ଅ] ବଦର୍ ଯୁଦ୍ଧରେ ବିଜୟ ସମାଚାର ନେଇ ମଦିନା ଆସିଥିଲେ । ହଜରତ ରୁକୟା [ର.ଅ]ଙ୍କ ଦେହାନ୍ତ ପରେ ଯେତେବେଳେ ହଜୁର[ସ.ଅ] ହଜରତ ଉସମାନ୍ [ର.ଅ]ଙ୍କୁ ଭେଟିଲେ, ଆପଣ[ସ.ଅ] କହିଲେ; ଅଲ୍ଲାଃତାଲା ଉମ୍ମେ କୁଲ୍‌ସୁମ୍ [ର.ଅ]ଙ୍କ ବିବାହ ରୁକୟା [ର.ଅ]ଙ୍କ ଧାର୍ଯ୍ୟ ମହେର ପରିମାଣରେ ତୁମ ସହିତ କରି ଦେଇଛନ୍ତି । ଉକ୍ତ ବିବାହର ତିନିଦିନ ପରେ ହଜୁର[ସ.ଅ] ହଜରତ ଉମ୍ମେ କୁଲ୍‌ସୁମ୍ [ର.ଅ]ଙ୍କ ନିକଟକୁ ଗଲେ ଏବଂ ପଚାରିଲେ ହେ ମୋ ପ୍ରିୟ ପୁତ୍ରୀ ! ତୁମେ ନିଜ ସ୍ୱାମୀଙ୍କୁ କିପରି ପାଇଲ ? ପ୍ରତିଉତ୍ତରରେ ଉମ୍ମେ କୁଲ୍‌ସୁମ୍[ର.ଅ] କହିଲେ; ସେ ଅତି ଭଲ । ହଜରତ ଉମ୍ମେ କୁଲ୍‌ସୁମ୍[ର.ଅ] ୯ ହିଜ୍‌ରୀରେ ବ୍ୟାଧିରେ ଆକ୍ରାନ୍ତ ହୋଇ ଦେହ ତ୍ୟାଗ କରିଥିଲେ । ହଜୁର[ସ.ଅ] ହଜରତ ଉମ୍ମେ କୁଲ୍‌ସୁମ୍ [ର.ଅ]ଙ୍କ ଦେହାନ୍ତରେ କହିଲେ; **ଯଦି ମୋର ଆଉ କୌଣସି କନ୍ୟା ଥାନ୍ତା ତେବେ ମୁଁ ତାହାର ବିବାହ ମଧ୍ୟ ଉସମାନ୍ [ର.ଅ]ଙ୍କ ସହିତ କରି ଦେଇଥାନ୍ତି ।**

ହଜରତ ମିର୍ଜା ବଶିର ଅହେମଦ୍ ସାହେବ ହଜରତ ଉମ୍ମେ କୁଲ୍‌ସୁମ୍ [ର.ଅ]ଙ୍କ ବିବାହ ଘଟଣା ଚର୍ଚ୍ଚା କରି କୁହନ୍ତି, ହଜରତ ରୁକୟା [ର.ଅ]ଙ୍କ ଦେହାନ୍ତ ପରେ ହଜୁର[ସ.ଅ] ନିଜର ଦ୍ୱିତୀୟ କନ୍ୟା ହଜରତ ଉମ୍ମେ କୁଲ୍‌ସୁମ୍ [ର.ଅ]ଙ୍କ ବିବାହ ଯେ ହଜରତ ଫାତିମାଙ୍କ ଠାରୁ ଜ୍ୟେଷ୍ଠ କିନ୍ତୁ ରୁକୟାଙ୍କ ଠାରୁ କନିଷ୍ଠ ଥିଲେ ହଜରତ ଉସମାନ୍ [ର.ଅ]ଙ୍କ ସହିତ କରିଦେଲେ । ଏଥି ସକାଶେ ହଜରତ ଉସମାନ୍ [ର.ଅ]ଙ୍କୁ ଜୁନ୍ନୁରୈନ୍ ଅର୍ଥାତ୍ ଦୁଇ ପ୍ରକାଶଧାରୀ କୁହାଯାଏ । ହଜରତ ଉମ୍ମେ କୁଲ୍‌ସୁମ୍ [ର.ଅ]ଙ୍କ ବିବାହ ୩ ହିଜ୍‌ରୀର ରବିଉଲ୍ ଅୱ୍ୱଲ୍ ମାସରେ ସମ୍ପନ୍ନ ହୋଇଥିଲା । ଏହା ଉମ୍ମେ କୁଲ୍‌ସୁମ୍ [ର.ଅ]ଙ୍କର ଦ୍ୱିତୀୟ

ବିବାହ ଥିଲା । ଏହା ପୂର୍ବରୁ ହଜୁର[ସ.ଅ] ରୁକୟା[ର.ଅ] ଓ ଉମ୍ମେ କୁଲ୍‌ସୁମ୍ [ର.ଅ]ଙ୍କ ନିକାଃ ନିଜ ଚଚା ଅବୁ ଲହବ୍‌ଙ୍କର ଦୁଇ ପୁତ୍ର ସହିତ କରିଥିଲେ । କିନ୍ତୁ କନ୍ୟା ବିଦାୟ ପୂର୍ବରୁ ହିଁ ଧାର୍ମିକ ମତଭେଦ (ବିବାଦ) ଯୋଗୁଁ ଉକ୍ତ ନିକାଃ ଭାଙ୍ଗି ଯାଇଥିଲା ।

ଏହି ଅବଧିରେ ବନୁ ସଲିମ୍ ଯୁଦ୍ଧ ଘଟିବାର ବର୍ଣ୍ଣନା ମିଳୁଛି । ହଜରତ ମୁହମ୍ମଦ [ସ.ଅ]ଙ୍କୁ ସୂଚନା ମିଳିଲା ଯେ, ବନୁ ସଲିମ୍‌ର ଏକ ସଂଖ୍ୟାଗରିଷ୍ଠ ଦଳ ମୁସଲମାନମାନଙ୍କ ବିରୋଧରେ ଏକତ୍ରିତ ହୋଇଛନ୍ତି । ଏହି ଗତିବିଧିର ମୂଳୋତ୍ପାଟନ କରିବା ସକାଶେ ହଜୁର[ସ.ଅ] ମଦିନାରେ ହଜରତ ଅବଦୁଲ୍ଲାଃ ବିନ୍ ଉମ୍ମେ ମକ୍‌ତୁମ୍ [ର.ଅ]ଙ୍କୁ ନିଜ ପ୍ରତିନିଧି ମୁତୟନ କରି ୩୦୦ସାହାବାଙ୍କୁ ସାଥିରେ ନେଇ ୬ଜମାଦି ଅୱ୍ୱଲ୍ ତାରିଖରେ ପ୍ରସ୍ଥାନ କରିଗଲେ । ଆଉ ଏକ ବର୍ଣ୍ଣନା ଅନୁଯାୟୀ ମଦିନାରେ ହଜୁର[ସ.ଅ] ହଜରତ ଉମର [ର.ଅ]ଙ୍କୁ ନିଜ ପ୍ରତିନିଧି ମୁତୟନ କରି ଉକ୍ତ ଅଭିଯାନରେ ବାହାରି ଯାଇଥିଲେ । ମାର୍ଗରେ ଆପଣଙ୍କୁ ବନୁ ସଲିମ୍‌ର ଜଣେ ବ୍ୟକ୍ତି ମିଳିଲା ଯେ କହିଲା କି ବନୁ ସଲିମ୍‌ର ଲୋକମାନେ ବିକ୍ଷିପ୍ତ ହୋଇ ଯାଇଛନ୍ତି । ଅନୁସନ୍ଧାନ କରିବାରୁ ଜଣା ପଡ଼ିଲା ଯେ, ଉକ୍ତ ବ୍ୟକ୍ତିର ସୂଚନା ସଠିକ୍ ଅଟେ । ଅତଏବ ହଜୁର[ସ.ଅ] ସେଠାରୁ ଫେରି ଆସିଲେ । ଏପରି ବିନା କୌଣସି ଯୁଦ୍ଧ କିମ୍ବା ସଂଘର୍ଷରେ ଏହି ଅଭିଯାନ ସମାପ୍ତ ହୋଇଥିଲା ।

ଏକ ସରିୟା (ଯେଉଁ ଯୁଦ୍ଧରେ ହଜୁର[ସ.ଅ] ଯୋଗ ଦେଇ ନଥିଲେ) ଜୈଦ୍ ବିନ୍ ହାରସା ଘଟିଥିଲା । ତାହାର ବିସ୍ତୃତ ବିବରଣୀ ଏପରି ଉଲ୍ଲେଖ ରହିଛି ଯେ, ଏକଦା ସଫୱ୍ୱାନ୍ ବିନ୍ ଉମୟା ନିଜ ସାଥିମାନଙ୍କୁ କହିଲା; ମୁସଲମାନମାନେ ଆମ ବାଣଜ୍ୟ କେନ୍ଦ୍ର ସିରିୟା ଯିବା ମାର୍ଗକୁ ଅବରୋଧ କରି ଦେଇଛନ୍ତି । ଜଣେ ବ୍ୟକ୍ତି ପରାମର୍ଶ ଦେଲା ଯେ, ସମୁଦ୍ରର ଉପକୂଳବର୍ତ୍ତୀ ମାର୍ଗ ଛାଡ଼ି ଇରାକ୍ ପଥରେ ସିରିୟା ପହଞ୍ଚି ହେବ । ସୁତରାଂ ବାଟ ଦେଖାଇବା ନିମନ୍ତେ ଜଣେ ବ୍ୟକ୍ତିର ସାହାଯ୍ୟ ନେଇ ସିରିୟା ଯିବାର ସଫୱ୍ୱାନ୍ ବିନ୍ ଉମୟା ମନସ୍ଥ (ନିଷ୍ପତ୍ତି) କରିନେଲା ଏବଂ ତାହାର ବାଣିଜ୍ୟକ ଦଳ ଯାତ୍ରା ପ୍ରସ୍ତୁତି ଆରମ୍ଭ କରିଦେଲେ । ଏହି ଯୁଦ୍ଧ ଜମାଦି ଆଖିର ମାସ ୩ ହିଜ୍‌ରୀରେ ଘଟିଥିଲା । ଉକ୍ତ ଦଳର ପୂର୍ଣ୍ଣ ପ୍ରୟାସ ରହିଥିଲା କି କୌଣସି ମତେ ଏହି ଖବର ମଦିନାରେ ନପହଞ୍ଚୁ । କିନ୍ତୁ ବିଧିର ବିଧାନରେ ଆଉ କିଛି ଲେଖା ଥିଲା । ତେବେ ହଜୁର [ସ.ଅ]ଙ୍କୁ ଏହି ଖବର ମିଳିଗଲା । ଆପଣ ୧୦୦ଅଶ୍ୱାରୋହୀଙ୍କୁ ହଜରତ ଜୈଦ୍ ବିନ୍ ହାରସାଙ୍କ ନେତୃତ୍ୱରେ ଉକ୍ତ ଦଳ ପଛରେ ବାହାରି ଯିବାକୁ ଆଦେଶ ଦେଲେ । ଏହା ତାଙ୍କ ସେନାଧ୍ୟକ୍ଷତାରେ ପ୍ରଥମ ଯୁଦ୍ଧ ଥିଲା ଏବଂ ସେଥିରୁ ସେ ବିଜୟ ମଣ୍ଡିତ ହୋଇ ପ୍ରତ୍ୟାବର୍ତ୍ତନ କରିଥିଲେ ।

ପ୍ରିୟ ହଜୁର ଅନୱ୍ୱର[ଅ.ବ] କହିଲେ; ସେପରି ବାଣିଜ୍ୟକ ଦଳକୁ ଏଥିସକାଶେ ଅଟକା ଯାଉଥିଲା କାରଣ ଉକ୍ତ ବେପାର ଦ୍ୱାରା ଅମାନ୍ୟକାରୀଙ୍କୁ ଯେଉଁ ଲାଭ ହେଉଥିଲା ତାହାକୁ ସେମାନେ ମୁସଲମାନମାନଙ୍କ ଅନିଷ୍ଟ ସାଧିତ କରିବାରେ ବ୍ୟୟ କରୁଥିଲେ । ତେଣୁ ସେହି କାଳରେ ଏପରି ବ୍ୟବସାୟୀ ଦଳର ଘେରାଉ ଓ ଅବରୋଧ କରିବା ଏପରି ଥିଲା ଯେମେତି ଆଜିକାଲି ବିଭିନ୍ନ ଦେଶ ଉପରେ ଅର୍ଥନୈତିକ କଟକଣା ଲଗା ଯାଉଛି । ସମ୍ପ୍ରତି ଶକ୍ତିଶାଳୀ ରାଷ୍ଟ୍ରମାନେ କେତେକ ସମୟରେ ଏପରି କଟକଣା ଲାଗୁ କରିବାରେ ସୀମା ଲଙ୍ଘନ ମଧ୍ୟ କରି ଯାଉଛନ୍ତି । ତେଣୁ ସେମାନେ ଏହି ପ୍ରସଙ୍ଗରେ ମୁସଲମାନମାନଙ୍କ ଉପରେ କ'ଣ ବା ଆପତ୍ତି ବାଢ଼ିବେ ।

ଖୁତବାର ଦ୍ୱିତୀୟ ଭାଗରେ ମହାମାନ୍ୟ ହଜୁର ଅନୱ୍ୱର[ଅ.ବ] କହିଲେ; ବର୍ତ୍ତମାନ ମୁଁ ପୁନର୍ବାର ଫିଲିସ୍ତିନ୍‌ବାସୀଙ୍କ ନିମନ୍ତେ ଦୁଆ ଅବ୍ୟାହତ ରଖିବାକୁ ଆହ୍ୱାନ ଜଣାଉଛି । ଏବେ ଏତିକି ତ ହୋଇଛି ଯେ, କିଛି ଲୋକ ଭୟପ୍ରଦ ଅବସ୍ଥାରେ ହେଉପଛେ କିନ୍ତୁ ଉକ୍ତ ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରିବା ଆରମ୍ଭ କରିଛନ୍ତି । ବରଂ ଏବେ ତ କେତେକ ୟହୁଦୀ ଏହାର ପ୍ରତିବାଦ କରୁଛନ୍ତି ଏବଂ ନିଜ ପ୍ରଶାସନକୁ କହୁଛନ୍ତି ଯେ, ଏପରି ଘୃଣିତ କାର୍ଯ୍ୟ ଦ୍ୱାରା ଆମକୁ କାହିଁକି ବଦ୍‌ନାମ କରୁଛ । ସେ ଯାହା ହେଉ କ୍ଷିପ୍ତ ଓ ମନ୍ଥର ସ୍ୱର ଅଣମୁସଲମାନମାନଙ୍କ ମଧ୍ୟରେ

ଉର୍ଦ୍ଧ୍ୱଗାମୀ ହେଉଛି । ବସ୍ତୁତଃ ଇସ୍ରାଇଲ୍ ଏବେ କହୁଛନ୍ତି ଯେ, ପ୍ରତିଦିନ ଚାରି ଘଣ୍ଟା ଯୁଦ୍ଧ ବିରାମ ରହିବ ଯଦ୍ୱାରା ଫିଲିସ୍ତିନ୍‌ରେ ସାହାଯ୍ୟ ପହଞ୍ଚି ପାରିବ । ଅଲ୍ଲାଃତାଲା ହିଁ ଭଲ ଭାବରେ ଜାଣନ୍ତି ଏହି ନିୟମର ସେମାନେ କିଭଳି ପାଳନ କରିବେ ଏବଂ ବାକି ୨୦ ଘଣ୍ଟାରେ କେତେ ଗୋଳାବାରୁଦ ବର୍ଷା କରିବେ । ଅଧିକାଂଶ ଶକ୍ତିଶାଳୀ ରାଷ୍ଟ୍ର ଓ ରାଜନେତାମାନେ ଫିଲିସ୍ତିନ୍‌ବାସୀଙ୍କ ପ୍ରାଣହାନିକୁ କୌଣସି ଗୁରୁତ୍ୱ ଦେଉ ନାହାନ୍ତି । କାରଣ ସେମାନଙ୍କ ନିଜସ୍ୱ ସ୍ୱାର୍ଥ ରହିଛି । ସେମାନଙ୍କୁ ସ୍ମରଣ ରଖିବା ଉଚିତ୍ ଯେ, ଅଲ୍ଲାଃତାଲା ଏକ ନିର୍ଦ୍ଧିଷ୍ଟ ସମୟ ସୀମା ପର୍ଯ୍ୟନ୍ତ ଅବସର (ଢ଼ିଲା) ଦେଇଥାନ୍ତି । ପୁନଶ୍ଚ ଏହି ଇହଜଗତ ନୁହେଁ ବରଂ ପରକାଳ ମଧ୍ୟ ନିୟତ ରହିଛି, ସେଠାରେ ମଧ୍ୟ ଧରପକଡ଼ ହୋଇପାରେ ବରଂ ନିଶ୍ଚିତ ହେବ । ସେ ଯାହା ହେଉ ଆମମାନଙ୍କୁ ନିରୀହ ଫିଲିସ୍ତିନ୍‌ବାସୀଙ୍କ ନିମନ୍ତେ ବହୁତ ଦୁଆ କରିବା ଉଚିତ୍ । ଅଲ୍ଲାଃତାଲା ସେମାନଙ୍କୁ ଏହି ଅତ୍ୟାଚାରୀମାନଙ୍କ କବଳରୁ ମୁକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

ପରିଶେଷରେ ପ୍ରିୟ ହଜୁର ଅନଓ୍ୱର[ଅ.ବ] ନିମ୍ନ ଲିଖିତ ଦୁଇ ମୃତକଙ୍କର ଜନାଯାଃ ଗାଏବ ପାଠ କରିବାର ଘୋଷଣା କଲେ । **ପ୍ରଥମ** ଶ୍ରୀମତୀ ମନ୍‌ସୁରାଃ ବାସ୍‌ମାଃ ସାହେବାଃ ପତ୍ନୀ ହମିଦୁର୍ ରହେମାନ୍ ଖାଁ ସାହେବ ଯେ ହଜରତ ନଓ୍ୱାବ ଅବଦୁଲ୍ଲାଃ ଖାଁ ସାହେବ ଓ ହଜରତ ସାହବଜାଦୀ ଅମତୁଲ୍ ହଫିଜ୍ ବେଗମ୍ ସାହେବାଃଙ୍କର ନାତୁଣୀ ଏବଂ ହଜରତ ସାହବଜାଦା ମିର୍ଜା ଶରିଫ୍ ଅହେମଦ୍ ସାହେବ ଓ ହଜରତ ବୁଜୈନବ୍ ବେଗମ୍ ସାହେବାଃଙ୍କର ନାତୁଣୀ (ଝିଅଙ୍କର ସୁପୁତ୍ରୀ) ଥିଲେ । ମୃତକ ମିଆଁ ଅବ୍‌ବାସ୍ ଅହେମଦ୍ ଖାଁ ସାହେବ ଓ ଅମତୁଲ୍ ବାରୀ ବେଗମ୍ ସାହେବାଃଙ୍କର କନ୍ୟା ଥିଲେ । ଜମାଅତ ଅହେମଦିୟାର ତୃତୀୟ ଖଲିଫା ତାଙ୍କ ବିବାହ ଅବସରରେ ଉପଦେଶ ପୂର୍ବକ କହିଥିଲେ; ନିକାଃ ଅବସରରେ ଆବୃତ୍ତି କରାଯାଇ ଥିବା ଆୟତ୍ ୟାଅୟୁହନ୍ ନାସୁତ୍‌ତକୁ ରବ୍‌ବକୁମ୍‌ର ଶବ୍ଦରେ ନିଜ ପାଳନକର୍ତ୍ତାଙ୍କ ଧର୍ମନିଷ୍ଠତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ତହିଁରେ ଏଥିପ୍ରତି ଇଙ୍ଗିତ ରହିଛି ଯେ, **ଯେପରି ପ୍ରଭୁ ତୁମର ପାଳନପୋଷଣ କରିଥାନ୍ତି । ଏବେ ତୁମକୁ ମଧ୍ୟ ସେହିପରି ଦାୟିତ୍ୱ ବହନ କରିବାକୁ ହେବ । ଯାହା ସମ୍ପାଦନ କରିବା ନିମନ୍ତେ ଜରୁରୀ କି ତୁମେ ନିଜ ଭିତରେ ପାଳନପୋଷଣ କରିବା ଭାବ ଉତ୍ପନ୍ନ କରି ଅଲ୍ଲାଃତାଲାଙ୍କ ଧର୍ମନିଷ୍ଠତା ଅବଲମ୍ବନ କର ।** ମୃତକ ପ୍ରଭୁଙ୍କ କୃତଜ୍ଞତା ଜ୍ଞାପନକାରୀ, ସ୍ପଷ୍ଟବାଦୀ, ନିୟମିତ ନମାଜ ରୋଜାର ପାଳନକାରୀ ଓ ଖିଲାଫତ୍ ପ୍ରତି ଅତ୍ୟଧିକ ସମ୍ମାନ ପ୍ରଦାନକାରୀ ମହିଳା ଥିଲେ । ଅଲ୍ଲାଃତାଲା ତାଙ୍କ ସହ କ୍ଷମା ଆଚରଣ କରନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତର ଉର୍ଦ୍ଧ୍ୱଗାମୀ କରନ୍ତୁ । ତାଙ୍କ ସନ୍ତାନସନ୍ତତିଙ୍କୁ ତାଙ୍କ ପୁଣ୍ୟାବଳୀ ଗୁଡ଼ିକୁ ଅବ୍ୟାହତ ରଖିବାକୁ ଶକ୍ତି ପ୍ରଦାନ କରନ୍ତୁ । **ଦ୍ୱିତୀୟ** ଜନାଯାଃ ଚୌଧରୀ ରଶିଦ୍ ଅହେମଦ୍ ସାହେବ ଏଗ୍ରୀକଲ୍‌ଚର ବିଶ୍ୱବିଦ୍ୟାଳୟ, ଫଏସଲାବାଦ୍‌ର ପୂର୍ବତନ ରେଜିଷ୍ଟ୍ରରର୍ ଥିଲେ । ତାଙ୍କ ଜୀବନୀର ଉତ୍ତମ ଚରିତ୍ର ଚର୍ଚ୍ଚା କରି ହଜୁର ଅନଓ୍ୱର[ଅ.ବ] ତାଙ୍କ ପାଇଁ କ୍ଷମା ପ୍ରାର୍ଥନା କଲେ ଏବଂ ଅଲ୍ଲାଃତାଲା ତାଙ୍କ ସନ୍ତାନସନ୍ତତିଙ୍କ ମଧ୍ୟରେ ତାଙ୍କ ପୁଣ୍ୟାବଳୀ ଗୁଡ଼ିକ ଅବ୍ୟାହତ ରହିବା ନିମନ୍ତେ ଦୁଆ କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟ୍ୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a
10th November 2023